# ତହସିଲଦାରଙ୍କ ଅଦାଲତ, ହିନ୍ଦୋଳ

**ରାଜସ୍ୱ ବିବିଧ ମାମଲା ସଂ:- ୦୭ /୨୦୨୫**

**ସର୍ବସାଧାରଣ ଇସ୍ତାହାର**

ଏତତଦ୍ୱାରା ବଡ଼ମୁଣ୍ଡା ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନତଫସିଲ୍ ବର୍ଣ୍ଣିତ ସରକାରୀ ଜମିକୁ ଇଡିକୋ ଓଡିଶା ଭୁବନେଶ୍ୱରଙ୍କ ସପକ୍ଷରେ ଶିଳ୍ପ ପ୍ରତିଷ୍ଠା ପାଇଁ କବୁଲିୟତ୍ ମଞ୍ଜୁର କରାଯିବା ପାଇଁ ପ୍ରସ୍ତାବ ରହିଅଛି । ଏଥି ନିମନ୍ତେ ନିମ୍ନ ତଫସିଲ୍ ମନ୍ତବ୍ୟ ସ୍ତମ୍ଭରେ ଥିବା ବେଆଇନ ଦଖଲ ନୋଟ ଖାରଜ କରାଯିବ । ଏହି ପ୍ରସ୍ତାବରେ କାହାରି କିଛି ଦାବୀ ଆପତ୍ତି ଥିଲେ ଉକ୍ତ ଇସ୍ତାହାର ଜାରୀ ହେବାର ୧୫ ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଆକାରରେ ଜଣାଇବେ । ମିଆଦ ଗତେ କୌଣସି ଦାବୀ ଆପତ୍ତି ବିଚାର ଗ୍ରହଣ କରାଯିବ ନାହିଁ ଏବଂ ନିୟମ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ତଫସିଲ**

| ମୌଜା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା | କିସମ |
|---|---|---|---|---|
| ବଡ଼ମୁଣ୍ଡା | ୧୪୫ (ସର୍ବ ସାଧାରଣ) | ୧୦୪୪ | ୦.୨୮୦ | ରାସ୍ତା |
| | | ୧୯୭/୧୩୪୪ | ୦.୧୦୦ | ରାସ୍ତା |
| | | **ମୋଟ** | **୦.୩୮୦** | |

ତହସିଲଦାର, ହିନ୍ଦୋଳ
TAHASILDAR
HINDOL

**ଜ୍ଞାପକ ସଂଖ୍ୟା** 5553 **/ତା** 24.07.25

ଏହାର ଏକକିତା ନକଲ ଢେଙ୍କାନାଳ ଜିଲ୍ଲା ସୂଚନା ଅଧିକାରୀଙ୍କ ନିକଟକୁ, ୱେବସାଇଟ୍ ମାଧମରେ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ଏବଂ ଏକକିତା ଲେଖାଏଁ ନକଲ ବିଜ୍ଞାପନ ଫଳକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଡ଼ଲା/ ତହସିଲ୍ କାର୍ଯ୍ୟାଳୟ, ହିନ୍ଦୋଳରେ ଲଟକାଇବା ସହ ଏକକିତା ନକଲ ସଂପୃକ୍ତ ମୌଜାର ମୋନଦୀ ଦ୍ୱାରା ଜାରିକରି ଡ଼ାକବାଜି ଯନ୍ତ୍ର ଦ୍ୱାରା ବହୁଳ ପ୍ରଚାର ନିମନ୍ତେ ଆଦେଶିକା ପତ୍ର ଜରିକାରକଙ୍କୁ ଦିଆଗଲା

ତହସିଲଦାର, ହିନ୍ଦୋଳ
TAHASILDAR
HINDOL